# ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୨୩ ମାର୍ଚ୍ଚ ୨୦୧୨

## ନିର୍ଦ୍ଦେଶନାମା

**ଏସ୍.ଓ. ୫୮୧ (ଇ)** –ଯେହେତୁ,କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ବିଭିନ୍ନ ବିଭାଗ ଏବଂ ସର୍ବସାଧାରଣ ବିଭିନ୍ନ ସଂସ୍ଥା ସେମାନେ ଉପଯୋଗ କରୁଥିବା ବିଭିନ୍ନ ସାମଗ୍ରୀ ଓ ସେବା ସମୂହର ବାର୍ଷିକ ମୂଲ୍ୟ ଯାହା ଅତି କମ୍‌ରେ ତାହାର ଶତକଡ଼ା ୨୦ ଭାଗ ମୂଲ୍ୟର ସାମଗ୍ରୀ ଓ ସେବା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ନିକଟରୁ କ୍ରୟ କରିବେ;

ଆଉ ଯେହେତୁ, ଜିଲ୍ଲା ଶିଳ୍ପ ଉଦ୍ୟୋଗ କେନ୍ଦ୍ରସମୂହ କିମ୍ବା ଖଦୀ ଓ ଗ୍ରାମ ଉଦ୍ୟୋଗ କମିସନ ବା ଖଦୀ ଓ ଗ୍ରାମ ଉଦ୍ୟୋଗ ବୋର୍ଡ଼ ବା କଏର୍ ବୋର୍ଡ଼ ବା ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ବା ହସ୍ତଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟ ଅଥବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଅନ୍ୟ ଯେକୌଣସି ସଂସ୍ଥା ସହିତ ଯେଉଁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ପଞ୍ଜୀକୃତ ହୋଇଥିବେ ସେମାନଙ୍କ ପ୍ରତି ସର୍ବସାଧାରଣ କ୍ରୟ ନୀତି (Public Procurement Policy) ଲାଗୁ ହେବ;

ଆଉ ଯେହେତୁ, ସମାନୁପାତିକ, ନ୍ୟାୟ ନିରପେକ୍ଷ, ସ୍ୱଚ୍ଛ, ପ୍ରତିଯୋଗିତାମୂଳକ ଓ ଲାଭଦାୟକ ଏକ ପଦ୍ଧତି ଅନୁସରଣ ପୂର୍ବକ ସାମଗ୍ରୀ ଓ ସେବା ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ ଆଦେଶଗୁଡ଼ିକର କିଣାକିଣି କ୍ଷେତ୍ରରେ ସୁବିବେଚିତ ଅଭ୍ୟାସ ଓ କାର୍ଯ୍ୟକାରିତାକୁ ପାଳନ କରୁଥିବା ପ୍ରତିଯୋଗିତାମୂଳକ ଆଗ୍ରହ ଭଳି ମୌଳିକ ନୀତିନିୟମ ଉପରେ ସର୍ବସାଧାରଣ କ୍ରୟ ନୀତି (Public Procurement Policy) ନିର୍ଭର କରେ ଏବଂ

ପୁଣି ଯେହେତୁ, ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗ ସମୂହର ପ୍ରୋତ୍ସାହନ ତଥା ବିକାଶ ପ୍ରକ୍ରିୟାକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଉଭୟ ଭିତରୁ ଯିଏ ବି ହୁଅନ୍ତୁ ନା କାହିଁକି ଆଦେଶନାମା ବଳରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଦ୍ୱାରା ଉତ୍ପାଦନ ଓ ଯୋଗାଣ କରାଯାଉଥିବା ସାମଗ୍ରୀ ଓ ସେବା ସମୂହର କ୍ରୟ ସଂପର୍କିତ ଚୟନ ନୀତି (preference policy)କୁ ନିଜର ମନ୍ତ୍ରଣାଳୟ ଅଥବା ସଂପୃକ୍ତ ବିଭାଗ ସମୂହ ଯିଏ ବି ହୁଅନ୍ତୁ ସେମାନଙ୍କ ଜରିଆରେ କିମ୍ବା ନିଜର ସାହାଯ୍ୟପ୍ରାପ୍ତ ବିଭିନ୍ନ ସଂସ୍ଥା ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗମାନଙ୍କ ଦ୍ୱାରା ସମୟ ଅନୁସାରେ ବିଜ୍ଞାପିତ କରିବେ ।

ସୁତରାଂ, ବର୍ତ୍ତମାନ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ (MSMED) ଆଇନ ୨୦୦୬ର ବିଭାଗ ୧୧ରେ ପ୍ରଦାନ କରାଯାଇଥିବା କ୍ଷମତାକୁ କାର୍ଯ୍ୟକାରୀ କରି କେନ୍ଦ୍ର ସରକାର ଆଦେଶନାମା ବଳରେ ନିଜର ମନ୍ତ୍ରଣାଳୟ ବା ସଂପୃକ୍ତ ବିଭାଗ ଅଥବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ସମୂହ ସାହାଯ୍ୟରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଦ୍ୱାରା ଉତ୍ପାଦନ ଓ ଯୋଗାଣ କରାଯାଉଥିବା ସାମଗ୍ରୀ ଓ ସେବା ସମୂହର କ୍ରୟ ସଂପର୍କିତ ସାଧାରଣ କ୍ରୟ ନୀତି (Public Procurement Policy), (ଯାହାକୁ ଏହା ପରଠାରୁ କେବଳ Policy ବା ନୀତି ଭାବେ ଉଲ୍ଲେଖ କରାଯିବ)କୁ ବିଜ୍ଞାପିତ କରବେ ।

**୨. ସଂକ୍ଷିପ୍ତ ନାମ ଏବଂ ପ୍ରାରମ୍ଭ**

(୧) ଏହି ଆଦେଶକୁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ (MSEs) ଆଦେଶ ୨୦୧୨ ନିମନ୍ତେ ସାଧାରଣ କ୍ରୟ ନୀତି (Public Procurement Policy) ଭାବେ ନାମିତ କରାଯାଇଛି।

(୨) ୨୦୧୨ ମସିହା ଅପ୍ରିଲ୍ ପହିଲା ତାରିଖଠାରୁ ଏହି ଆଦେଶନାମା କାର୍ଯ୍ୟକାରୀ ହେବ ।

**୩. ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗମାନଠାରୁ ବାଧ୍ୟତାମୂଳକ କ୍ରୟ -**

(୧) ତିନି ବର୍ଷର ସମୟ କାଳ ମଧ୍ୟରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଦ୍ୱାରା ଉତ୍ପାଦନ କରାଯାଇଥିବା ସାମଗ୍ରୀ ଓ ଯୋଗାଣ କରାଯାଇଥିବା ସେବା ସମୂହରୁ ଗୋଟିଏ ବର୍ଷରେ ମୋଟରେ ଯେତେ ପରିମାଣ କ୍ରୟ କରାଯାଏ ତାହାର ହାରାହାରି ସର୍ବନିମ୍ନ ଶତକଡ଼ା ୨୦ ଭାଗ କ୍ରୟହାସଲ କରିବାର ଅଭିପ୍ରାୟ ରଖି ୨୦୧୨-୧୩ ଓ ତା'ପରଠାରୁ ପ୍ରତ୍ୟେକ କେନ୍ଦ୍ର ମନ୍ତ୍ରଣାଳୟ ବା ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କଠାରୁ ସାମଗ୍ରୀ ଓ ସେବା କ୍ରୟ କରିବା ଲାଗି ଏକ ବାର୍ଷିକ ଲକ୍ଷ୍ୟ ସ୍ଥିର କରିବେ ।।

(୨) ସାମଗ୍ରୀ ଓ ସେବା କ୍ରୟ କରିବା ଲାଗି ଯେଉଁ ବାର୍ଷିକ ଲକ୍ଷ୍ୟ ସ୍ଥିର କରାଯିବ ସେଥିରେ ବୃହତ୍ ଉଦ୍ୟୋଗ ତଥା ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଦ୍ୱାରା ଗଠିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ମିଳିତ ସଂଗଠନ ଦ୍ୱାରା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କୁ ଉପସଂବିଦା (subcontract) ଯୋଗାଇବା ବ୍ୟବସ୍ଥା ମଧ୍ୟ ସାମିଲ ହୋଇରହିବ।

(୩) ତିନି ବର୍ଷର ସମୟ ଅବଧି ପରେ ଅର୍ଥାତ୍ ୨୦୧୫ ମସିହା ଅପ୍ରିଲ୍ ପହିଲା ତାରିଖଠାରୁ ବାର୍ଷିକ ସର୍ବନିମ୍ନ ଶତକଡ଼ା ୨୦ ଭାଗ କ୍ରୟ କରିବା ନିମନ୍ତେ ସ୍ଥିର ହୋଇଥିବା ସାମଗ୍ରିକ ଲକ୍ଷ୍ୟ ବାଧ୍ୟତାମୂଳକ କରାଯିବ ।

(୪) କେନ୍ଦ୍ର ମନ୍ତ୍ରଣାଳୟ, ବିଭିନ୍ନ ବିଭାଗ ଏବଂ ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତ ସଂସ୍ଥାମାନଙ୍କ ମଧ୍ୟରୁ ଯେଉଁମାନେ ବାର୍ଷିକ ଲକ୍ଷ୍ୟ ହାସଲ କରିବା ଲାଗି ବିଫଳ ହେବେ ସେମାନେ ଏହି ନୀତି ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଚିବଙ୍କ ନିୟନ୍ତ୍ରଣ ଅଧୀନରେ ଗଠିତ ହୋଇଥିବା ରିଭ୍ୟୁ କମିଟି ନିକଟରେ ସେହି ବିଫଳତାର ସପ୍ରମାଣ କାରଣ ଦର୍ଶାଇବେ।

**୪. ଅନୁସୂଚିତ ଜାତି ଓ ଉପଜାତି ଉଦ୍ୟୋଗୀଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା-**

ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କଠାରୁ ଶତକଡ଼ା ୨୦ ଭାଗ ସାମଗ୍ରୀ ଓ ସେବା କ୍ରୟ କରିବା ଲାଗି ସ୍ଥିର କରାଯାଇଥିବା ବାର୍ଷିକ ଲକ୍ଷ୍ୟ ମଧ୍ୟରୁ ଅନୁସୂଚିତ ଜାତି ଓ ଉପଜାତି ଉଦ୍ୟୋଗୀମାନଙ୍କ ମାଲିକାନା ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଠାରୁ ସାମଗ୍ରୀ ଓ ସେବା କ୍ରୟ କରିବା ନିମନ୍ତେ ଶତକଡ଼ା ୨୦ ଭାଗର ଏକ ଉପ-ଲକ୍ଷ୍ୟ (ଅର୍ଥାତ୍ ଶତକଡ଼ା ୨୦ ଭାଗରୁ ଶତକଡ଼ା ୪ ଭାଗ) ସ୍ୱତନ୍ତ୍ର ଭାବେ ଧାର୍ଯ୍ୟ କରାଯିବ। ଅବଶ୍ୟ ଯଦି ଅନୁସୂଚିତ ଜାତି ଓ ଉପଜାତି ଉଦ୍ୟୋଗୀମାନଙ୍କ ମାଲିକାନା ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ନିଲାମ ପ୍ରସ୍ତାବ ପ୍ରକ୍ରିୟାରେ ଯୋଗ ଦେବାରେ କିମ୍ବା ନିଲାମ ପ୍ରସ୍ତାବର ଆବଶ୍ୟକତା ଓ ଏଲ୍.ଆଇ. ମୂଲ୍ୟ ପୂରଣ କରିବାରେ ବିଫଳ ହୁଅନ୍ତି ତେବେ ସେପରି କ୍ଷେତ୍ରରେ ସେମାନଙ୍କଠାରୁ ସାମଗ୍ରୀ ଓ ସେବା କ୍ରୟ କରିବା ଲାଗି ସ୍ୱତନ୍ତ୍ର ଭାବେ ଯେଉଁ ଶତକଡ଼ା ୪ ଭାଗ ଉପ-ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ତାହା ଅନ୍ୟାନ୍ୟ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଦ୍ୱାରା ପୂରଣ କରାଯିବ।

**୫. ବାର୍ଷିକ ବିବରଣୀରେ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କୀତ ସୂଚନା ପ୍ରଦାନ -**

(୧) ନୀତିକୁ ଶକ୍ତିଶାଳୀ କରିବା ପାଇଁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କଠାରୁ ସରକାରୀ କ୍ରୟ ସମ୍ବନ୍ଧୀୟ ସୂଚନା ଲାଭ କରିବା ହେଉଛି ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଉଦ୍ଦେଶ୍ୟରେ ପ୍ରତ୍ୟେକ କେନ୍ଦ୍ର ମନ୍ତ୍ରଣାଳୟ ବା ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତ ନିଜ ନିଜର ବାର୍ଷିକ ବିବରଣୀରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ନିକଟରୁ ସାମଗ୍ରୀ ଓ ସେବା କ୍ରୟ କରିବା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଏବଂ ତା'ସହିତ ସେ ଦିଗରେ ହାସଲ କରାଯାଇଥିବା ସଫଳତା ସମ୍ବନ୍ଧୀୟ ବିବରଣୀ ଦାଖଲ କରିବେ।

(୨) ବିଭିନ୍ନ ମନ୍ତ୍ରଣାଳୟ ବା ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତ ଦ୍ୱାରା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା ସଂପର୍କରେ ଭଲଭାବେ ଅବଗତ ହେବା ପାଇଁ ବାର୍ଷିକ ବିବରଣୀ ଦାଖଲ କାର୍ଯ୍ୟର ବାଟ ସୁଗମ କରିବ।

**୬. ନିଲାମରେ ଦର କୋଟେସନ୍ -**

(୧) ନିଲାମ କ୍ଷେତ୍ରରେ ଯଦି ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ବ୍ୟତୀତ ଅନ୍ୟ କାହାରିଠାରୁ କୋଟେସନ୍ ଦର ୧.୧ ହୋଇ ଆସିଥାଏ ତା'ହେଲେ ଶତକଡ଼ା ଏଲ୍୧+୧୫ର ମୂଲ୍ୟ ବନ୍ଧନୀ ମଧ୍ୟରେ ଦର କୋଟେସନ୍ କରି ନିଲାମରେ ଭାଗ ନେଉଥିବା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ସେହି ମୂଲ୍ୟକୁ ୧.୧ ମୂଲ୍ୟ ସ୍ତର ପର୍ଯ୍ୟନ୍ତ ଖସାଇ ସେମାନଙ୍କୁ ମଧ୍ୟ ଆବଶ୍ୟକୀୟ ସାମଗ୍ରୀ ଓ ସେବାର କିଛି ଅଂଶ ଯୋଗାଇବା ସକାଶେ ଅନୁମତି ଦିଆଯିବ ଏବଂ ସଂପୃକ୍ତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗକୁ ମୋଟ ନିଲାମ ମୂଲ୍ୟର ଶତକଡ଼ା ୨୦ ଭାଗ ପର୍ଯ୍ୟନ୍ତ ସାମଗ୍ରୀ ଓ ସେବା ଯୋଗାଣ କରିବା ପାଇଁ ଅନୁମତି ଦିଆଯିବ।

(୨) ଯଦି ଏକାଧିକ ସଂଖ୍ୟାରେ ସେହି ଧରଣର ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ନିଲାମରେ ଯୋଗ ଦେଇଥିବେ ତା'ହେଲେ ନିଲାମଭୁକ୍ତ ସେହି ସାମଗ୍ରୀ ଓ ସେବା ଯୋଗାଣ ପରିମାଣକୁ ଆନୁପାତିକ ଭାବେ ସେମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ।

**୭. ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ଉଠାଦୋକାନ ପ୍ରତିଷ୍ଠା -**

କେନ୍ଦ୍ରୀୟ ମନ୍ତ୍ରଣାଳୟବା ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତ ଉଠାଦୋକାନ ବିକାଶ କାର୍ଯ୍ୟକ୍ରମ କିମ୍ବା କିଣାଳି-ବିକାଳି ସମାବେଶର ଆୟୋଜନ କରି ଏବଂ ବିଭିନ୍ନ ସମୟର ଆବଶ୍ୟକତାକୁ ଆଖି ଆଗରେ ରଖି ଏକ ନିର୍ଦ୍ଦିଷ୍ଟ ସମୟ କାଳ ସକାଶେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ସହିତ ମୂଲ୍ୟ ଚୁକ୍ତି ଦ୍ୱାରା ଆବଦ୍ଧ ହୋଇ ଉପଯୁକ୍ତ ଉଠାଦୋକାନ ବିକଶିତ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

**୮. ୱେବସାଇଟ୍ ଜରିଆରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ନିକଟରୁ କ୍ରୟ କରିବା ପାଇଁ ବାର୍ଷିକ ଯୋଜନା -**

କେନ୍ଦ୍ରୀୟ ମନ୍ତ୍ରଣାଳୟ ବା ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତ ସଂସ୍ଥାଗୁଡ଼ିକ ସାମଗ୍ରୀ ଓ ସେବା ପ୍ରଭୃତି କିଣିବା ପାଇଁ ବାର୍ଷିକ କ୍ରୟ ଯୋଜନା ମଧ୍ୟ ପ୍ରସ୍ତୁତ କରିବେ ଏବଂ ତାହାକୁ ସେମାନଙ୍କ ବିଭାଗୀୟ ୱେବସାଇଟ୍(official website)ରେ ଅପଲୋଡ୍ କରିବେ ଯଦ୍ଦ୍ୱାରା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ବିଭିନ୍ନ ବିଭାଗର କ୍ରୟ ଆବଶ୍ୟକତା ବିଷୟରେ ଆଗରୁ ସୂଚନା ପାଇବା ଲାଗି ସକ୍ଷମ ହୋଇପାରିବେ ।

**୯. ସରକାରୀ କ୍ରୟ ପ୍ରକ୍ରିୟାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ସମେତ ସମସ୍ତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକର ଅଂଶଗ୍ରହଣରେ ଅଭିବୃଦ୍ଧି ସାଧନ**

ସରକାରୀ କ୍ରୟ ପ୍ରକ୍ରିୟାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକର ଅଂଶଗ୍ରହଣରେ ଅଭିବୃଦ୍ଧି ଘଟାଇବା ନିମନ୍ତେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟବା ବିଭାଗ ବା ପବ୍ଲିକ୍ ସେକ୍ଟର୍ ଅଣ୍ଡରଟେକିଙ୍ଗ୍ ଗୁଡ଼ିକ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ, ଯଥା –

କ) ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ନିମନ୍ତେ ବିଭିନ୍ନ ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତ ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଉଠାଦୋକାନ ବିକାଶ କାର୍ଯ୍ୟକ୍ରମ ବା ବିକାଳି-କିଣାଳି ସମାବେଶର ଆୟୋଜନ କରାଯିବ;

ଖ)   ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକୁ ଅଧିକରୁ ଅଧିକ ନିଜର ବ୍ୟବସାୟିକ ସଂଗଠନ ତିଆରି କରିବା ଯୋଜନା ମଧ୍ୟରେ ସାମିଲ କରିବା ପାଇଁ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଦ୍ୱାରା ଆଉଟରି କାର୍ଯ୍ୟକ୍ରମ ପରିଚାଳନା କରାଯିବ ଏବଂ

ଗ)   ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ନିଜର ଏକମୁଖୀ ପଞ୍ଜୀକରଣ ଯୋଜନା (Single Point Registration Scheme)ଅନୁଯାୟୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ବାଟ ଖୋଲିବେ।

**୧୦.   ବ୍ୟବସାୟିକ କାରବାର ମୂଲ୍ୟ ହ୍ରାସ -**

ବ୍ୟବସାୟିକ କାରବାର ସମ୍ବନ୍ଧୀୟ ମୂଲ୍ୟ ହ୍ରାସ କରିବା ଉଦ୍ଦେଶ୍ୟରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକୁ ବିନା ମୂଲ୍ୟରେ ନିଲାମ ସେଟ୍ ଯୋଗାଇଦେଇ, ଚୁକ୍ତି ରକ୍ଷା ପାଇଁ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ (earnest money) ଛାଡ଼ କରି, ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ଇ-କ୍ରୟ ବ୍ୟବସ୍ଥା ପ୍ରଚଳନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ମନ୍ତ୍ରଣାଳୟରେ ଏକ ଅଭିଯୋଗ ପ୍ରକୋଷ୍ଠ ପ୍ରତିଷ୍ଠା କରି ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସୁଗମ କରିବାକୁ ହେବ ।

**୧୧.   କିଣିବା ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ଓ ସେବାର ସଂରକ୍ଷଣ -**

ଦେଶ ଭିତରେ ବିଶେଷକରି ଗ୍ରାମାଞ୍ଚଳମାନଙ୍କରେ ଉଦ୍ୟୋଗ ଶିଳ୍ପର ବ୍ୟାପକ ବିସ୍ତାରଣ କାର୍ଯ୍ୟକୁ ସମ୍ଭବ କରିବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟବା ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗ ଦ୍ୱାରା ପରିଚାଳିତଗୁଡ଼ିକ କେବଳ ସେମାନଙ୍କ କ୍ରୟ ନିମନ୍ତେ ସଂରକ୍ଷିତ ହୋଇ ରହିଥିବା ୩୫୮ ଗୋଟି ସାମଗ୍ରୀ ଓ ସେବା (ପରିଶିଷ୍ଟ)ଗୁଡ଼ିକୁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କଠାରୁ ନିୟମିତ ଭାବେ କିଣିବେ । ଏହା ଦେଶ ମଧ୍ୟରେ ସମାବେଶୀ ବିକାଶର ଅଭିବୃଦ୍ଧି ସାଧନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଖଦୀ ଓ ଗ୍ରାମ ଉଦ୍ୟୋଗ ଶିଳ୍ପ ସମେତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ଉନ୍ନତି ଓ ବିକାଶ ଦିଗରେ ସହାୟକ ହୋଇପାରିବ ।

**୧୨.   ରିଭ୍ୟୁ କମିଟି -**

(୧)   ଆଦେଶନାମା ସଂଖ୍ୟା ୨୧(୧) ୨୦୦୭-ଏମ୍.ଏ., ତା. ଜୁନ୍ ୨୧, ୨୦୧୦ ଦ୍ୱାରା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ନିମନ୍ତେ ଉଦ୍ଦିଷ୍ଟ ସର୍ବସାଧାରଣ କ୍ରୟ ନୀତିର ତଦାରଖ ଓ ସମୀକ୍ଷା କରିଆ ଉଦ୍ଦେଶ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ମନ୍ତ୍ରଣାଳୟର ସଚିବଙ୍କ ଅଧ୍ୟକ୍ଷତାରେ ଗୋଟିଏ ରିଭ୍ୟୁ କମିଟି ଗଠନ କରାଯାଇଛି ।

(୨)   ଉକ୍ତ କମିଟି ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଧାରାବାହିକ ଭାବରେ କେବଳ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କଠାରୁ କ୍ରୟ କରିବା ପାଇଁ ସଂରକ୍ଷିତ ହୋଇ ରହିଥିବା ୩୫୮ ଗୋଟି ସାମଗ୍ରୀ ଓ ସେବା ତାଲିକାର ସମୀକ୍ଷା କରିବ,ଧାର୍ଯ୍ୟ ଲକ୍ଷ୍ୟ ଶତକଡ଼ା ୨୦ ଭାଗରୁ ଛାଡ଼ କରିବା ନିମନ୍ତେ କେନ୍ଦ୍ରୀୟ ମନ୍ତ୍ରଣାଳୟବା ବିଭାଗ ବା ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗଗୁଡ଼ିକର ଅନୁରୋଧକୁ ଗୋଟି ଗୋଟି କରି ପ୍ରତ୍ୟେକ ମାମଲାକୁ ଅଲଗା ଭାବରେ ବିଚାର କରିବ ଏବଂ ସଂପୃକ୍ତ ନୀତିର ସଫଳତା ସବୁର ତଦାରଖ କରିବ ।

**୧୩.   ଅଭିଯୋଗ ପ୍ରକୋଷ୍ଠ ପ୍ରତିଷ୍ଠା -**

ଅଧିକନ୍ତୁ ସରକାରୀ କ୍ରୟ ବ୍ୟବସ୍ଥା ସମ୍ପର୍କୀତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଅଭିଯୋଗର ପ୍ରତିବିଧାନ ସକାଶେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ମନ୍ତ୍ରଣାଳୟରେ ଗୋଟିଏ 'ଅଭିଯୋଗ ପ୍ରକୋଷ୍ଠ' ସ୍ଥାପନ କରିବାକୁ ହେବ । ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କୁ

ଅସୁବିଧାରେ ପକାଉଥିବା ବିଭିନ୍ନ ସରକାରୀ ବିଭାଗ ବା ସଂସ୍ଥାମାନଙ୍କ ଦ୍ୱାରା ପ୍ରକାଶ କରାଯାଇଥିବା ନିଲାମରେ ନାନା ଅନୁଚିତ ସର୍ତ୍ତାବାଳୀର ଆରୋପଣଜନିତ ସମସ୍ୟା ସମେତ ଉକ୍ତ 'ଅଭିଯୋଗ ପ୍ରକୋଷ୍ଠ' ବିଭିନ୍ନ ବିଭାଗ ବା ସଂପୃକ୍ତ ସଂସ୍ଥାମାନଙ୍କୁ ନେଇ ସରକାରୀ କ୍ରୟ ସଂପର୍କରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଦ୍ୱାରା ଉଠାଯାଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ବିଚାର ଫଇସଲା କରିବ।

**୧୪. ପ୍ରତିରକ୍ଷା କ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା -**

ପ୍ରତିରକ୍ଷା ସାମଗ୍ରୀ ଆମଦାନୀର ସ୍ୱତନ୍ତ୍ର ଗୁରୁତ୍ୱ ରହିଥିବା କାରଣରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ସେସବୁକୁ ଶତକଡ଼ା ୨୦ ଭାଗ ଧାର୍ଯ୍ୟ ଲକ୍ଷ୍ୟ ହିସାବରେ ସାମିଲ କରାଯିବ ନାହିଁ । ତା'ସହିତ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା, କ୍ଷେପଣାସ୍ତ୍ର ଇତ୍ୟାଦି ଭଳି ପ୍ରତିରକ୍ଷା ସରଞ୍ଜାମଗୁଡ଼ିକୁ ସେହି ପ୍ରକାର ସଂରକ୍ଷଣ ନୀତିର ପରିସରଭୁକ୍ତ କରାଯିବ ନାହିଁ ।

**୧୫. ଧାର୍ଯ୍ୟ ଲକ୍ଷ୍ୟର ତଦାରଖ -**

ନୀତି ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟର ତଦାରଖ କାର୍ଯ୍ୟ ଯେପର୍ଯ୍ୟନ୍ତ ପ୍ରତିରକ୍ଷା ବିଭାଗ ସହିତ ଜଡ଼ିତ ହୋଇ ରହିଥିବ ସେପର୍ଯ୍ୟନ୍ତ ସ୍ୱୟଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ହିଁ ପ୍ରତିଷ୍ଠା କରାଯାଇଥିବା ଉପଯୁକ୍ତ ପ୍ରଣାଳୀ ସାହାଯ୍ୟରେ ସମ୍ପନ୍ନ କରାଯିବ ।

**୧୬. ବାଧାବିଘ୍ନର ଦୂରୀକରଣ-**

ଉପରୋକ୍ତ ନୀତି କାର୍ଯ୍ୟକାରୀ ହେବା ସମୟରେ ଯଦି କୌଣସି ପ୍ରକାର ଅସୁବିଧା ଉପୁଜେ ତେବେ ତାହାର ସ୍ପଷ୍ଟୀକରଣ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ପ୍ରକାଶ କରାଯାଇଥିବା ଉପଯୁକ୍ତ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦିଆଯିବ।

(ନ.ସଂ.-୨୧(୧)/୨୦୧୧ ଏମ୍‌ଏ)<br>
ଅମରେନ୍ଦ୍ର ସିହ୍ନା,<br>
ଅତିରିକ୍ତ ଶାସନ ସଚିବ ଓ ଉନ୍ନୟନ କମିଶନର (ଏମ୍.ଏସ୍.ଏମ୍.ଇ.)

**ପରିଶିଷ୍ଟ**

ନଂ. ୨୧(୧)/୨୦୦୭-ଏମ୍‌ଏ<br>
ଭାରତ ସରକାର<br>
ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ<br>
ଉନ୍ନୟନ କମିଶନର (ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ)ଙ୍କ କାର୍ଯ୍ୟାଳୟ<br>
ଏ ୱିଙ୍ଗ୍, ୭ମ ମହଲା, ନିର୍ମାଣ ଭବନ, ନୂଆଦିଲ୍ଲୀ-୧୧୦୧୦୮<br>
ତା ୨୧ ଜୁନ୍, ୨୦୧୦

**ଆଦେଶନାମା**

ବିଷୟ : ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଙ୍କ ନିମନ୍ତେ ସର୍ବସାଧାରଣ କ୍ରୟ ନୀତିର ତଦାରଖ ଏବଂ ସମୀକ୍ଷା କରିବା ପାଇଁ ଗୋଟିଏ କମିଟି ଗଠନ

ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ (MSE)ମାନଙ୍କ ନିମନ୍ତେ ନୂତନ ସର୍ବସାଧାରଣ କ୍ରୟ ନୀତିର ଅନୁମୋଦନ କାର୍ଯ୍ୟ ବିଚାରାଧୀନ ଥିବାବେଳେ ମନୋନୀତ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ ସମୂହକୁ ନେଇ ଉକ୍ତ ପ୍ରସ୍ତାବିତ ନୀତିର କେତେକ ବ୍ୟବସ୍ଥାର ଉପଯୋଗିତାକୁ

ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ଏତଦ୍ଦ୍ୱାରା ଗୋଟିଏ କମିଟି ଗଠନ କରାଯାଉଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ମନ୍ତ୍ରଣାଳୟର ଶାସନ ସଚିବ ଅଧ୍ୟକ୍ଷତା କରିବେ।

୨. କମିଟିର ସଂରଚନା ନିମ୍ନ ପ୍ରକାରେ ପ୍ରସ୍ତୁତ ହେବ –

| | | |
|---|---|---|
| (i) | ସଚିବ,ଏମ୍.ଏସ୍.ଏମ୍.ଇ. ମନ୍ତ୍ରଣାଳୟ | ଅଧ୍ୟକ୍ଷ |
| (ii) | ସଚିବ, ଯୋଜନା ଆୟୋଗ | ସଭ୍ୟ |
| (iii) | ସଚିବ, ସର୍ବସାଧାରଣ ଉଦ୍ୟୋଗ ବିଭାଗ | ସଭ୍ୟ |
| (iv) | ଡାଇରେକ୍ଟର୍ ଜେନେରାଲ୍ (ଯୋଗାଣ ଓ ନିଷ୍କାସନ), ବାଣିଜ୍ୟ ବିଭାଗ | ସଭ୍ୟ |
| (v) | ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ | ସଭ୍ୟ |
| (vi) | ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର (ଏମ୍.ଏସ୍.ଏମ୍.ଇ.) | ସଭ୍ୟ ସଚିବ |

୩. ଉକ୍ତ କମିଟି ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ ନିର୍ବାହ କରିବ –

(i) ଶତକଡ଼ା ୨୦ ଭାଗ ଧାର୍ଯ୍ୟ ଲକ୍ଷ୍ୟରୁ ଛାଡ଼ କରିବା ନିମନ୍ତେ କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭିନ୍ନ ବିଭାଗ/ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗଗୁଡ଼ିକ ଦ୍ୱାରା କରାଯାଉଥିବା ଆବେଦନକୁ ଗୋଟି ଗୋଟି କରି ପ୍ରତ୍ୟେକ ମାମଲା ଭିତ୍ତିରେ ବିଚାର କରିବେ;

(ii) କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭିନ୍ନ ବିଭାଗ/ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗଗୁଡ଼ିକଠାରୁ ମିଳିଥିବା ମତାମତ ଉପରେ ଆଧାର କରି କେବଳ ମାତ୍ର ଏମ୍.ଏସ୍.ଇ. (MSE)ମାନଙ୍କଠାରୁ କ୍ରୟ କରିବା ଲାଗି ସଂରକ୍ଷିତ ହୋଇଥିବା (ପରିଶିଷ୍ଟ ଅନୁଯାୟୀ) ୩୫୮ ଗୋଟି ବିଷୟର ସମୀକ୍ଷା କରିବେ;

(iii) ବିଭିନ୍ନ ସରକାରୀ ବିଭାଗ/ରାଷ୍ଟ୍ରାୟତ୍ତ ଶିଳ୍ପୋଦ୍ୟୋଗମାନଙ୍କ ଦ୍ୱାରା ଆହୁତ ନିଲାମଗୁଡ଼ିକରେ କରାଯାଇଥିବା ଅନୁଚିତ ସର୍ତ୍ତାବଳୀର ଆରୋପ ସମେତ ସରକାରଙ୍କ କ୍ରୟ ସଂପର୍କରେ ଏମ୍.ଏସ୍.ଇ. (MSE) ମାନଙ୍କଠାରୁ ମିଳିଥିବା ଅଭିଯୋଗ ସବୁର ସମୀକ୍ଷା କରିବେ ଏବଂ

(iv) କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭିନ୍ନ ବିଭାଗ ଗୁଡ଼ିକ ଏମ୍.ଏସ୍.ଇ. (MSE) ମାନଙ୍କଠାରୁ ସେମାନଙ୍କର କ୍ରୟ ବୃଦ୍ଧି କରିବା ପାଇଁ ଯେଉଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ସେହି ସମ୍ବନ୍ଧରେ ପ୍ରସ୍ତାବନା ଦେବେ।

୪. ଯେତେବେଳେ ଆବଶ୍ୟକ ପଡ଼ିବ ସେତେବେଳେ ବୈଠକରେ ଯୋଗ ଦେବା ପାଇଁ ଉକ୍ତ କମିଟି କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କର ଅନ୍ୟ ଯେକୌଣସି ମନ୍ତ୍ରଣାଳୟ ବା ବିଭାଗର ନାମ ସୁପାରିଶ କରିପାରିବେ ଅଥବା ଏମ୍.ଏସ୍.ଏମ୍.ଇ. ସହିତ ଜଡ଼ିତ ବା ସଂପର୍କିତ କୌଣସି ବିଶେଷଜ୍ଞ ବା ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିପାରିବେ ।

୫. ଏମ୍.ଏସ୍.ଏମ୍.ଇ. ଉନ୍ନୟନ କମିଶନର କାର୍ଯ୍ୟାଳୟ ଏହି କମିଟିକୁ ସେକ୍ରେଟାରିଏଟ୍ ସହାୟତା ଯୋଗାଇଦେବେ ।

୬. କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ଏହା ଜାରି କରାଯାଇଛି।

ସ୍ୱା-

(ପ୍ରବୀଣ ମହାତୋ)

ଅତିରିକ୍ତ ଅର୍ଥ ପରାମର୍ଶଦାତା

ଫୋନ୍: ୨୩୦୬୨୨୩୦, ଫ୍ୟାକ୍ସ: ୨୩୦୬୧୬୧୧

**ପରିଶିଷ୍ଟ**

## ହସ୍ତତନ୍ତ ବିଭାଗ ସମେତ କ୍ଷୁଦ୍ର ଶିଳ୍ପ ସଂସ୍ଥା ସମୂହଠାରୁ କ୍ରୟ କରିବା ନିମନ୍ତେ ସଂରକ୍ଷିତ ସାମଗ୍ରୀ ଗୁଡ଼ିକର ତାଲିକା

କ୍ର.ସଂ. ସାମଗ୍ରୀର ପ୍ରକାର

୧. ୧୯ ଷ୍ଟ୍ରାଣ୍ଡ ପର୍ଯ୍ୟନ୍ତ ଏ.ଏ.ସି./ ଏବଂ ଏ.ସି.ଏସ୍.ଆର୍. ପରିବାହକ

୨. କୃଷି ଉପକରଣ

କ) ହାତ ଚାଳିତ ସରଞ୍ଜାମ ଓ ଉପକରଣ

ଖ) ପଶୁ ଚାଳିତ ଉପକରଣ

୩. ବାୟୁ/ଘର କୁଲର୍

୪. ଆଲୁମିନିଅମ୍ ନିର୍ମାତାଙ୍କ ଜିନିଷପତ୍ର

୫. ଆମ୍ବୁଲାନସ୍ ଷ୍ଟ୍ରେଚର୍

୬. ଆର୍ମେଚର/ଓମ୍ ମିଟର୍/ଭୋଲ୍ଟ୍ ମିଟର୍ (ପ୍ରଥମ ଶ୍ରେଣୀୟ ବୈଦ୍ୟୁତିକ ଚୁମ୍ବକୀୟ ସଠିକତା)

୭. ବଳାଗଣ୍ଠି ୱେବ୍ ଖାକି

୮. ପୂର୍ବସୂଚକ (ବଢେଇ)

୯. ଅଟୋମୋବାଇଲ୍ ହେଡ୍ ଲାଇଟ୍ ଆସେମ୍ବ୍ଲି

୧୦. କପଡ଼ା ସୂଚୀକାମ ଓ ଧାତୁ ବ୍ୟାଜ୍ (ଫଳକ)

୧୧. କିଟ୍ ବ୍ୟାଗ୍, ଚିଠି ବ୍ୟାଗ୍, ଶୋଇବା ବ୍ୟାଗ୍ ଏବଂ ଜଳରୋଧୀ ବ୍ୟାଗ୍ ସମେତ ଚମଡ଼ା, କପଡ଼ା, କାନଭାସ୍ ଏବଂ ଝୋଟ ଇତ୍ୟାଦି ଦ୍ୱାରା ତିଆରି ସବୁ ରକମର ବ୍ୟାଗ୍

୧୨. ପଟି କପଡ଼ା

୧୩. କଣ୍ଟା ତାର

୧୪. ଗାଧୁଆ ଟବ୍

୧୫. ବେତ ଟୋକେଇ (ରାଜ୍ୟ ଜଙ୍ଗଲ ନିଗମ ଓ ରାଜ୍ୟ ହସ୍ତଶିଳ୍ପ ନିଗମ ନିକଟରୁ ମଧ କ୍ରୟ କରାଯାଇ ପାରିବ)

୧୬. ବ୍ୟାଟେରି ଚାର୍ଜର୍

୧୭. ବ୍ୟାଟେରି ଏଲିମିନେଟର୍

୧୮. ବିମ୍ ସ୍କେଲ୍

୧୯. ଚମଡ଼ା ବେଲ୍ଟ୍ ଓ ଫିତା

୨୦. ବେଞ୍ଚ୍ ଭାଇସ୍

୨୧. ପିଚୁ ଜାତୀୟ ରଙ୍ଗ

୨୨. କାଳିଛପା କାଗଜ

୨୩.	ବୋଲ୍ଟ ଓ ନଟ୍

୨୪.	ବୋଲ୍ଟ ସ୍ଲାଇଡ଼ିଙ୍ଗ୍

୨୫.	ବୋନ୍ ମିଲ୍

୨୬.	ଜୋତା ପଲିସ୍

୨୭.	କାନଭାସ୍ ଜୋତା ସମେତ ସବୁ ରକମର ବୁଟ୍ ଓ ଜୋତା

୨୮.	ଗିନା, ପାତ୍ର

୨୯.	ଚମଡ଼ା ବାକ୍ସ

୩୦.	ଧାତୁ ତିଆରି ବାକ୍ସ

୩୧.	ବଳା

୩୨.	ବ୍ରାକେଟ୍, ରେଳବାଇରେ ବ୍ୟବହାର ହେଉଥିବା ବ୍ରାକେଟକୁ ଛାଡ଼ି

୩୩.	ପିତଳ ତାର

୩୪.	ବ୍ରିଫ୍‌କେଶ

୩୫.	ଛାଞ୍ଚୁଣି

୩୬.	ସବୁ ରକମର ବ୍ରଶ୍ ବା ତୂଳି

୩୭.	ସବୁ ପକାରର ବାଲଟି

୩୮.	ସବୁ ରକମର ବୋତାମ

୩୯.	ମହମବତୀ ସିଠା ଧାରକ

୪୦.	ବେତ କବାଟି ଏବଂ ଷ୍ଟକ୍ କବାଟି (କେବଳ ପାଣି ସରଞ୍ଜାମ ନିମନ୍ତେ)

୪୧.	ଧାତୁ ତିଆରି ପାତ୍ର (କ୍ଷୀର ରଖିବା ଓ ମାପ କାର୍ଯ୍ୟ ପାଇଁ)

୪୨.	କାନଭାସ୍ ଉତ୍ପାଦ

କ)	ଜଳରୋଧୀ ଡେଲିଭର୍, ବ୍ୟାଗ୍: ସଂ. ଆଇ.ଏସ୍. – ୧୪୨୨/ ୭୦

ଖ)	ବନେଟ୍ ଢାଙ୍କୁଣି, ରେଡ଼ିଏଟର୍ ମଫ୍. – ଡି.ଆର୍.ଜି. ଏଲ୍.ଭି. ୭/ଏନ୍.ଏସ୍.ଏନ୍/ଆଇ.ଏ./୧୩୦୨୯୫

୪୩.	କପଡ଼ା ଓ ଉଲ୍ ତିଆରି ପୋଷାକ

୪୪.	ଜଳରୋଧୀ ପୋଷାକ

୪୫.	ଜଡ଼ା ତେଲ

୪୬.	ସିଲିଂ ରୋଷଣୀ ୧୫ ଆମ୍ପିୟର ପର୍ଯ୍ୟନ୍ତ

୪୭.	କେନ୍ଦ୍ରାପସାରୀ ଇସ୍ପାତ ପାତିଆ ଫୁଙ୍କନଳା (centrifugal steel plate blower )

୪୮.	କେନ୍ଦ୍ରାପସାରୀ ପମ୍ପ୍ ଚୁଷଣ ଓ ଯୋଗାଣ ୧୫୦ ମି.ମି. x ୧୫୦ ମି.ମି.

୪୯.	ଚକ୍ଷୁ କଟା ବ୍ଲେଡ୍

୫୦.	ଚେନ୍ ଚାବୁକ (Chains Lashing)

୫୧.	ଚପଲ ଓ ସାଣ୍ଡାଲ୍

୫୨.	ହରିଣ ଛା ଲ

୫୩.	ଲାଇଟ୍ ଲଗାଇବା ଚୋକ୍

୫୪.	କ୍ରୋମ୍ କଷା ଚମଡ଼ା (ଅର୍ଦ୍ଧ-ସଂପୂର୍ଣ୍ଣ ମଇଁଷି ଓ ଗାଈ)

୫୫.	ସର୍କ୍ଲିପ୍

୫୬.	ନଖୁଆ ବା ପଞ୍ଝାଳ ବାଡ଼ି ଓ ତାର

୫୭.	ସଫାକରା ଗୁଣ୍ଡ

୫୮.	ନିଦାନିକ ତାପମାପୀ (କ୍ଲିନିକାଲ୍ ଥର୍ମୋମିଟର୍)

୫୯.	କପଡ଼ା କଭର୍

୬୦.	କପଡ଼ା ଜାକୋନେଟ୍

୬୧.	କପଡ଼ା ସ୍ୱଞ୍ଜ୍

୬୨.	କତା ତନ୍ତୁ ଓ କତା ସୂତା

୬୩.	କତା ଶେଯ ଗଦି ଓ ମଶିଣା

୬୪.	କତା ଦଉଡ଼ିର ଜାହାଜ ଟଣା ମୋଟା ରସି

୬୫.	କମ୍ୟୁନିଟି ରେଡ଼ିଓ ରିସିଭର୍

୬୬.	ପରିବାହୀ ନଳ

୬୭.	ତମ୍ବା କଣ୍ଟା

୬୮.	ତମ୍ବା ନାଫଥିନେଟ୍

୬୯.	ତମ୍ବା ଗନ୍ଧକାମ୍ଳ

୭୦.	ଡୋର ସୂତା ତିଆରି ଯନ୍ତ୍ର

୭୧.	ଅନ୍ୟାନ୍ୟ ମୋଟା ଦଉଡ଼ି ବିଡ଼ା

୭୨.	କୁଞ୍ଚିତ କାଗଜ ପଟା ବା ପେଡ଼ି

୭୩.	କପଡ଼ା ବିଶୋଷକ

୭୪.	କପଡ଼ା ଫିତା

୭୫.	କପଡ଼ା କ୍ୟାରିଅର୍

୭୬.	କପଡ଼ା ଖୋଳ

୭୭. କପଡ଼ା ସରୁ ସୂତା

୭୮. କପଡ଼ା ବୁଣା ବସ୍ତ୍ର

୭୯. କପଡ଼ା ପ୍ୟାକ୍

୮୦. କପଡ଼ା ଥଳି

୮୧. କନା ଦଉଡ଼ି

୮୨. କପଡ଼ା ଗଞ୍ଜି

୮୩. କପଡ଼ା ପଟି

୮୪. କପଡ଼ା ଫିତା

୮୫. କପଡ଼ା ଟେପ୍ ବା ଫିତା

୮୬. କପଡ଼ା ଉଲ୍ (ଅଣାବଶୋଷକ)

୮୭. କାଠ ଓ ପ୍ଲାଷ୍ଟିକ୍ ଢାବଲ

୮୮. କ) କୋଇ ସଂଖ୍ୟା ୨୦୦ ପର୍ଯ୍ୟନ୍ତ
ଖ) ସୀସା କୋଇ ସଂଖ୍ୟା ୫୦୦ ପର୍ଯ୍ୟନ୍ତ
ଗ) ଅନ୍ୟାନ୍ୟ କୋଇ ୩୦ କେ.ଜି. ପର୍ଯ୍ୟନ୍ତ

୮୯. କମ୍ବଳ

୯୦. ମଶାରୋଧକ ପରଦା

୯୧. କଟର୍

୯୨. ଡିବିପି ଜୈବ ମିଶ୍ରଣ (dibutyl phthalate)

୯୩. ଡିଜେଲ୍ ଇଞ୍ଜିନ୍ ୧୫ ଅଶ୍ୱ ଶକ୍ତି ପର୍ଯ୍ୟନ୍ତ

୯୪. ଡାଇମିଥାଇଲ୍ ଥାଲେଟ୍

୯୫. ରୋଗାଣୁନାଶକ ତରଳ

୯୬. ଡିଷ୍ଟ୍ରିବ୍ୟୁସନ୍ ବୋର୍ଡ଼ ୧୫ ଏ.ଏମ୍.ପି. ପର୍ଯ୍ୟନ୍ତ

୯୭. ବି.ଆଇ.ଏସ୍. ନିର୍ଦ୍ଦେଶ ନିରୂପଣ ଅନୁଯାୟୀ ଘରୋଇ ବିଦ୍ୟୁତ୍ ଉପକରଣ :-

ବିଦ୍ୟୁତ୍ ଟୋଷ୍ଟର୍ ବା ସେକା ଯନ୍ତ୍ର, ବିଦ୍ୟୁତ୍ ଇସ୍ତିରିପେଡ଼ି, ହଟ୍ ପ୍ଲେଟ୍, ବିଦ୍ୟୁତ୍ ମିକ୍ସର୍ ଗ୍ରାଇଣ୍ଡର୍, ରୁମ୍ ହିଟର୍, କନଭେକ୍ଟର୍ ଓ ଓଭାନ୍

୯୮. ବିହିତ କରାଯାଇଥିବା ବିସ୍ (BIS)ର ନିର୍ଦ୍ଧାରିତ ବ୍ୟବସ୍ଥା ତଥା ୧୦.୦୦ ମି.ମି. ବର୍ଗର ସାମାନ୍ୟ ଭିତର ସମତଳ ଅଂଶକୁ ଅନୁସରଣ କରି ଘରେ ବିଦ୍ୟୁତ୍ ତାର ଲଗାଇବା ପାଇଁ ପିଭିସି କେବୁଲ୍ ବା ତାରଗୁଚ୍ଛ ଏବଂ ତାର (ଆଲୁମିନିଅମ୍)।

୯୯. ଅଙ୍କନ ଓ ଗାଣିତିକ ଯନ୍ତ୍ରପାତି

୧୦୦. ଡ୍ରମ୍ ଓ ଫିମ୍ପା ବା ବ୍ୟାରେଲ୍

୧୦୧. ଅଳିଆ ରଖିବା ପାତ୍ର ବା ଡଷ୍ଟବିନ୍

୧୦୨. ଧୂଳି ରୋଧକ ଚମଡ଼ା

୧୦୩. ଖଦୀରେ ଦରକାର ହେଉଥିବା ଜିନିଷଗୁଡ଼ିକ ବ୍ୟତୀତ ସମସ୍ତ ରକମର ଧୂଳିପୋଛା କପଡ଼ା

୧୦୪. ରଞ୍ଜକ :

କ) ଏଜୋ ରଞ୍ଜକ (ସିଧାସଳଖ ଏବଂ ଏସିଡ୍)
ଖ) ମୌଳିକ ରଞ୍ଜକ

୧୦୫. ବୈଦ୍ୟୁତିକ କଲିଂ ବେଲ୍ / ବଜର୍ / ଦ୍ୱାର ଘଣ୍ଟି (ଡୋର୍ ବେଲ୍)

୧୦୬. ବୈଦ୍ୟୁତିକ ଝଳେଇ ଲୁହା

୧୦୭. ଇସ୍ପାତ୍ କ୍ରସ୍ ବାର୍, କ୍ରସ୍ ଆର୍ମସ୍, କ୍ଲାମ୍ପ, ଆର୍କିଙ୍ଗ୍ ହର୍ଣ୍ଣ, ବ୍ରାକେଟ୍ ଇତ୍ୟାଦି

୧୦୮. ଇଲେକ୍ଟ୍ରୋନିକ୍ସ ଡୋର୍ର ବେଲ୍

୧୦୯. ଜରୁରୀ ବତୀ ବା ଏମର୍ଜେଂସି ଲାଇଟ୍ (ରିଚାର୍ଜେବୁଲ୍ ଧରଣର)

୧୧୦. ପ୍ରଲେପିତ ବ୍ୟବହାର୍ଯ୍ୟ ଜିନିଷ ଏବଂ ବାସନକୁସନ

୧୧୧. ଇକ୍ୟୁପମେଣ୍ଟ୍ କେମୋଫ୍ଲାଜବାମ୍ବୋ ସପୋର୍ଟ୍

୧୧୨. ଏକ୍ଜୁଷ୍ଟ୍ ମଫଲର୍

୧୧୩. ପ୍ରସାରିତ ଧାତୁ

୧୧୪. ଆଇଲେଟ୍

୧୧୫. ପଲିଥିନ୍ ଫିଲ୍ମ୍ – ପ୍ରସାରିତ ଚଉଡ଼ା ଫିଲ୍ମ ସହିତ

୧୧୬. ଫିଲ୍ମ୍ ଗୁଡ଼ାଇ ରଖିବା ନଳୀ ଓ ଆଧାର (ଫିଲ୍ମ୍ ସ୍ପୁଲ୍ ଓ କ୍ୟାନ୍)

୧୧୭. ନିଆଁ ନିର୍ବାପକ (କାଛଟଙ୍ଗା)

୧୧୮. ଫୁଟ୍ ପାଉଡ଼ର୍

୧୧୯. ଫ୍ରେଞ୍ଚ୍ ପଲିସ୍

୧୨୦. ଫନେଲ୍

୧୨୧. ଫ୍ୟୁଜ୍ କଟ୍-ଆଉଟ୍

୧୨୨. ଫ୍ୟୁଜ୍ ୟୁନିଟ୍

୧୨୩. ଲୁଗାପଟା (ଭାରତୀୟ ଅସ୍ତ୍ର କାରଖାନାଠାରୁ ହେଉଥିବା ଯୋଗାଣ ବ୍ୟତୀତ)

୧୨୪. ଗ୍ୟାସ୍ ମେଣ୍ଟେଲ୍

୧୨୫. ଗଜ୍ କପଡ଼ା

୧୨୬. ସବୁ ରକମର ସର୍ଜିକାଲ୍ ଗଜ୍

୧୨୭. ଗମଲା (ତସଲା)

୧୨୮. କାଚ ଶିଶି

୧୨୯. ଗ୍ଲାସ୍ ଏବଂ ପ୍ରେସଡ଼ ଜିନିଷପତ୍ର

୧୩୦. ଅଠା ବା ଗ୍ଲୁ

୧୩୧. ଗ୍ରୀସ୍ ନିପଲ୍ ଓ ଗ୍ରୀସ୍ ଗନ୍

୧୩୨. ଗନ୍ ଖୋଳ

୧୩୩. ଗନ୍ ମେଟାଲ୍ ବୁସ୍

୧୩୪. ଅଠାଫିତା (Gum-Tape)

୧୩୫. ସବୁ ପ୍ରକାର ହାତ ଟଣା ଗାଡ଼ି

୧୩୬. ହାତ ପାଇଁ ସବୁ ରକମର ଗ୍ଲଭ୍

୧୩୭. ରେଳ ହ୍ୟାଣ୍ଡ୍ ଲାଇଟ୍

୧୩୮. ହ୍ୟାଣ୍ଡ୍ ନମ୍ବରିଙ୍ଗ୍ ମେସିନ୍

୧୩୯. ହାତ କୁଟା ଚାଉଳ (ଚିକ୍କଣ ଓ ଅଚିକ୍କଣ)

୧୪୦. ହ୍ୟାଣ୍ଡ୍ ପ୍ରେସ୍

୧୪୧. ହ୍ୟାଣ୍ଡ୍ ପମ୍ପ୍

୧୪୨. ହାତ ଦ୍ୱାରା ବ୍ୟବହୃତ ସବୁ ପ୍ରକାର ଯନ୍ତ୍ରପାତି

୧୪୩. କାଠ ଓ ବାଉଁଶ ତିଆରି ବିଭିନ୍ନ ବେଣ୍ଟ (ରାଜ୍ୟ ବନ ନିଗମ ଓ ରାଜ୍ୟ ହସ୍ତଶିଳ୍ପ ନିଗମ ନିକଟରୁ ମଧ୍ୟ କ୍ରୟ କରାଯାଇପାରିବ)

୧୪୪. ଚମଡ଼ା ଲଗାମ

୧୪୫. ହାସ୍ପ୍ ଏବଂ ଷ୍ଟାପଲ୍

୧୪୬. ହ୍ୟାଭେରସ୍ୟାକ୍

୧୪୭. ଅଣଧାତବ ହେଲମେଟ୍

୧୪୮. ସବୁ ପ୍ରକାର ଚମଡ଼ା ଓ ଦେଶୀ ଚମଡ଼ା

୧୪୯. କବ୍ଜା

୧୫୦. ହବ୍ କଣ୍ଟା

୧୫୧. ବଡ଼ ନରମ ଥଳୀ (ହୋଲ୍ଡ଼ଅଲ୍)

୧୫୨. ମହୁ

୧୫୩. ଘୋଡ଼ା ଓ ଖଚର ନାଲ

୧୫୪. ତିରିଶ ଟନ୍ ଓଜନରୁ କମ୍ କ୍ଷମତା ବିଶିଷ୍ଟ ହାଇଡ୍ରଲିକ୍ ଜ୍ୟାକ୍

୧୫୫. କୀଟନାଶକ ଗୁଣ୍ଡ ଓ ପିଚକାରୀ

୧୫୬. ଭିନ୍ନକ୍ଷମ ଚୌକୀ

୧୫୭. ୫ କେଭିଏ କ୍ଷମତା ପର୍ଯ୍ୟନ୍ତ ଘରୋଇ ଇନଭର୍ଟର୍

୧୫୮. ଧୋବା ଇସ୍ତିପେଡ଼ି

୧୫୯. କିଟ୍ ବାକ୍ସ୍

୧୬୧. କୋଦାଳ

୧୬୨. ଚମକ୍ବା ଲେସ୍

୧୬୩. ଲ୍ୟାମ୍ପ୍ ହୋଲଡ଼ର୍

୧୬୪. ଲ୍ୟାମ୍ପ୍ ସିଗନାଲ୍

୧୬୫. ଲଣ୍ଠନ ପୋଷ୍ଟ ଏବଂ ବଡ଼ିସ୍

୧୬୬. ଲାନିଆର୍ଡ୍

୧୬୭. ଲାଟେକ୍ସ୍ ଫୋମ୍ ସ୍ପଞ୍ଜ୍

୧୬୮. ଲାଠି

୧୬୯. ଚିଠି ବାକ୍ସ୍

୧୭୦. ଲାଇଟିଙ୍ଗ୍ ଆରେଷ୍ଟର – ୨୨ କେଭି ପର୍ଯ୍ୟନ୍ତ

୧୭୧. ଲିଙ୍କ୍ କ୍ଲିପ୍

୧୭୨. ଖସା ତେଲ

୧୭୩. ସାଧା ନରମ ପଟି

୧୭୪. ଲକର୍

୧୭୫. ତୈଳକ (ଲୁବ୍ରିକେଟର)

୧୭୬. ଏଲ୍.ଟି. ଚିନାମାଟି କିଟ୍କାଟ୍ ଓ ଫ୍ୟୁଜ୍ ଗ୍ରୀପ

୧୭୭. ମେସିନ୍ ସ୍କ୍ରୁ

୧୭୮. ମ୍ୟାଗ୍ନେସିଅମ୍ ସଲଫେଟ୍

୧୭୯. କାଠ ହାତୁଡ଼ି

୧୮୦. ନର୍ଦ୍ଦମା ଗାତ ଢାଙ୍କୁଣି

୧୮୧. ମାପ ଫିତା ଓ ମାପ କାଠି

୧୮୨. ଧାତୁ ଆବୃତ ସୁଇଚ୍ (୩୦ ଏ.ଏମ୍.ପି. ପର୍ଯ୍ୟନ୍ତ)

୧୮୩. ଧାତବ ମାଠଣି

୧୮୪. ଏନ୍.ଇ.ସି. (ଅନ୍ୟ କେଉଁଠାରେ ବିଭାଗୀକୃତ ହୋଇନଥିବ) ବ୍ୟତୀତ ଧାତବ ଡବା ଓ ଡ୍ରମ୍

୧୮୫. ମେଟ୍ରିକସ୍ ଓଜନ

୧୮୬. ସାଧାରଣ ଡାକ୍ତରୀ ବ୍ୟବହାର ପାଇଁ ଅଣୁବୀକ୍ଷଣ ଯନ୍ତ୍ର

୧୮୭. ଛୋଟ ବଲବ୍ (କେବଳ ଟର୍ଚ୍ଚ ପାଇଁ)

୧୮୮. ଏମ୍.ଏସ୍. ଟାଇ. ବାର୍

୧୮୯. ନଖକଟା

୧୯୦. ନାପଥେଲିନ୍ ବଲ୍

୧୯୧. ନେୱାର

୧୯୨. ନିକେଲ୍ ସଲଫେଟ୍

୧୯୩. ନାଇଲନ୍ ମୋଜା

୧୯୪. ନାଇଲନ୍ ଟେପ୍ ଓ ଲେସ୍

୧୯୫. ଅଏଲ୍ ବାଉଣ୍ଡ ଡିଷ୍ଟେମ୍ପର୍

୧୯୬. ତେଲ ଷ୍ଟୋଭ୍ (କେବଳ ବଳିତା ଯୁକ୍ତ)

୧୯୭. ସମସ୍ତ ପ୍ରକାର ତାଲା

୧୯୮. ପେଣ୍ଟ୍ ରିମୁଭର୍

୧୯୯. ପାଲମା ରୋଜା ତେଲ

୨୦୦. ତାଳଗୁଡ଼

୨୦୧. ପ୍ୟାନ୍-ପାଇଖାନା ଫ୍ଲସ୍

୨୦୨. କାଗଜ ତିଆରି ଜିନିଷ – କାଗଜ ମୁଣା, ଲଫାପା, ଆଇସ୍କ୍ରିମ୍ କପ୍, କାଗଜ କପ୍ ଓ ସସର୍ ଏବଂ କାଗଜ ଥାଳି

୨୦୩. ଅଠାଯୁକ୍ତ କାଗଜ ଫିତା

୨୦୪. ପାମ୍ପଡ଼

୨୦୫. ଆଚାର ଓ ଚଟଣି

୨୦୬. ପାଇଲ୍ସ ଫେବ୍ରିକ୍

୨୦୭. ତକିଆ

୨୦୮. ପ୍ଲାଷ୍ଟର୍ ଅଫ୍ ପେରିସ୍

୨୦୯. ପଲି ଏଥିଲିନ୍ ଟରଫାଲେଥ୍ (ପିଇଟି) ଡବା ବ୍ୟତୀତ ୨୦ ଲିଟର ଧାରଣ କ୍ଷମତା ପର୍ଯ୍ୟନ୍ତ ବ୍ଲୋ ଛାଞ୍ଚ ଦ୍ୱାରା ତିଆରି ପ୍ଲାଷ୍ଟିକ୍ ଡବା

୨୧୦. ପ୍ଲାଷ୍ଟିକ୍ ବେତ

୨୧୧. ଖେଳିବା ତାସ୍

୨୧୨. ପନ୍ଦର ଏ.ଏମ୍.ପି. ବିଶିଷ୍ଟ ବିଦ୍ୟୁତ୍ ପ୍ଲଗ୍ ଓ ସକେଟ୍

୨୧୩. ଜରି ମୁଣା

୨୧୪. ଜରି ନଳୀ

୨୧୫. ପୋଷ୍ଟ ପିକେଟ୍ (କାଠ)

୨୧୬. ଡାକଘର ସୀସା ମୋହର

୨୧୭. ପୋଟାସିଅମ୍ ନାଇଟ୍ରେଟ୍

୨୧୮. ବିଭିନ୍ନ ଥଳି

୨୧୯. ପ୍ରେସର୍ ଡାଇ କାଷ୍ଟିଙ୍ଗ୍: ୦.୭୫ କେ.ଜି. କ୍ଷମତା ଯୁକ୍ତ

୨୨୦. ପ୍ରିଭି ପ୍ୟାନ୍

୨୨୧. କପିକଳ ତାର

୨୨୨. ପି.ଭି.ସି. ଜୋତା

୨୨୩. ପି.ଭି.ସି. ପାଇପ୍, ୧୧୦ ମି.ମି. ପର୍ଯ୍ୟନ୍ତ

୨୨୪. ପି.ଭି.ସି. ଆଚ୍ଛାଦିତ ଆଲୁମିନିଅମ୍ ତାରଗୁଚ୍ଛ (୧୨୦ ବର୍ଗ ମି.ମି.) (ଆଇ.ଏସ୍.ଏସ୍. ୬୯୪)

୨୨୫. ଶେଯ, ରେଜେଇ

୨୨୬. ଛିଣ୍ଡାକନା

୨୨୭. ରେଳଡବା ଲାଇଟ୍ ସରଞ୍ଜାମ

୨୨୮. ରେକ୍ ବାଲାଷ୍ଟ

୨୨୯. କ୍ଷୁର

୨୩୦. ଆର୍.ସି.ସି. ପାଇପ୍ ୧୨୦୦ ମି.ମି. ଡାଇ ପର୍ଯ୍ୟନ୍ତ

୨୩୧. ଭିତର ପ୍ରସାରିତ ତାର ଦ୍ୱାରା ଦୃଢୀଭୂତ ଆର୍.ସି.ସି. ଖୁଣ୍ଟ

୨୩୨. ସମସ୍ତ ପ୍ରକାର ରିବିଟ୍

୨୩୩. ରୋଲିଙ୍ଗ୍ ସଟର୍

୨୩୪. ଛାତ ଲାଇଟ୍ ସରଞ୍ଜାମ

୨୩୫. ରବର ବେଲୁନ୍

୨୩୬. ରବର ସୂତା

୨୩୭. ଅଚିହ୍ନିତ ରବର ହୋସ୍

୨୩୮. ଅଚିହ୍ନିତ ରବର ଟ୍ୟୁବ୍

୨୩୯. ରବରୀକୃତ କପଡ଼ାର ଟୋପି

୨୪୦. କଳଙ୍କି ଓ କାତି ଛଡ଼ାଇବା ମିଶ୍ରଣ

୨୪୧. ନିରାପଦ ମାଂସ ଓ କ୍ଷୀର

୨୪୨. ଦିଆସିଲି

୨୪୩. ସେଫ୍ଟି ପିନ୍ (ସେହି ଧରଣର ଅନ୍ୟାନ୍ୟ ଉତ୍ପାଦ ଯଥା କାଗଜ ପିନ୍, ଷ୍ଟାପଲ୍ ପିନ୍ ଇତ୍ୟାଦି)

୨୪୪. ସାନିଟାରୀ ଜଳଯୋଗାଣ ସରଞ୍ଜାମ

୨୪୫. ସାନିଟାରୀ ତଉଲିଆ

୨୪୬. ବିଜ୍ଞାନ ଗବେଷଣାଗାର କାଚ ପାତ୍ର ଇତ୍ୟାଦି (ସୂକ୍ଷ୍ମ ସାମଗ୍ରୀ ବ୍ୟତୀତ)

୨୪୭. ସାଧାରଣ କାଟିବା କଇଁଚି

୨୪୮. ଉଚ୍ଚ ପ୍ରସାରଣକ୍ଷମ ସ୍କ୍ରୁ ସହିତ ସମସ୍ତ ପ୍ରକାର ସ୍କ୍ରୁ

୨୪୯. ସମସ୍ତ ପ୍ରକାର ମେଣ୍ଢା ଛାଲ

୨୫୦. ଲାଖ

୨୫୧. ଜୋତା ଫିତା

୨୫୨. କୋଦାଳ ବା ବେଲଚା

୨୫୩. ରଙ୍ଗ କରାଯାଇଥିବା ସାଇନ୍ ବୋର୍ଡ୍

୨୫୪. ସିଲ୍କ୍ ରିବନ୍

୨୫୫. ସୂକ୍ଷ୍ମ ବୁଣା ସିଲ୍କ୍ ବସ୍ତ୍ର (webbing)

୨୫୬. ସ୍କି ଜୋତା ଓ ଜୋତା

୨୫୭. ସ୍ଲୁଇସ୍ ଭଲଭ୍

୨୫୮. ସ୍ନାପ୍ ଫାଷ୍ଟନର୍ (୪ ପିସିଏସ୍ ଗୁଡ଼ିକୁ ଛାଡ଼ି)

୨୫୯. କାର୍ବୋଲିକ୍ ସାବୁନ୍

୨୬୦. ସୋପ୍ କଡ଼୍

୨୬୧. ତରଳ ସାବୁନ୍

୨୬୨. ନରମ ସାବୁନ୍

୨୬୩. ଲୁଗାପଟା ସଫା କରିବା ସାବୁନ୍

୨୬୪. ହଳଦିଆ ସାବୁନ୍

୨୬୫. ସକେଟ୍ ଓ ପାଇପ୍

୨୬୬. ସୋଡ଼ିଅମ୍ ନାଇଟ୍ରେଟ୍

୨୬୭. ସୋଡ଼ିଅମ୍ ସିଲିକେଟ୍

୨୬୮. ଯୋତା ସୋଲ୍

୨୬୯. ଚଷମା ଫ୍ରେମ୍

୨୭୦. ମୁନିଆ ଜୋତା

୨୭୧. ଚମଡ଼ା ତିଆରି ଖେଳ ଯୋତା (ସମସ୍ତ ପ୍ରକାର ଖେଳ ପାଇଁ)

୨୭୨. ଗୁଣ୍ଡୁଚି ଯନ୍ତା ଇଣ୍ଡକ୍ସନ୍ ହିଟର୍ (୧୦୦ କେ.ଡବ୍ଲ୍ୟୁ. ୪୪୦ ଭୋଲ୍ଟ୍ ୩ ଫେଜ୍ ପର୍ଯ୍ୟନ୍ତ ଓ ସଂଯୁକ୍ତ)

୨୭୩. ଷ୍ଟାପଲିଙ୍ଗ୍ ମେସିନ୍

୨୭୪. ଷ୍ଟିଲ୍ ଆଲମିରା

୨୭୫. ଷ୍ଟିଲ୍ ଶେଯ ଫ୍ରେମ୍

୨୭୬. ଷ୍ଟିଲ୍ ଚୌକି

୨୭୭. ଷ୍ଟିଲ୍ ଡେସ୍କ୍

୨୭୮. ଷ୍ଟିଲ୍ ରେକ୍/ସେଲ୍ଫ୍

୨୭୯. ଷ୍ଟିଲ୍ ଷ୍ଟୁଲ୍

୨୮୦. ଷ୍ଟିଲ୍ ଟ୍ରଙ୍କ୍

୨୮୧. ଷ୍ଟିଲ୍ ଉଲ୍

୨୮୨. ଷ୍ଟିଲ୍ ଓ ଆଲୁମିନିଅମ୍ ଝରକା ଓ ଭେଣ୍ଟିଲେଟର୍

୨୮୩. ଷ୍ଟକିନେଟ୍

୨୮୪. ପଥର ଓ ପଥର ପରୀକ୍ଷା ରୋଲର୍

୨୮୫. ଷ୍ଟୋନ୍-ୱେର୍ ଜାର୍

୨୮୬. ଷ୍ଟାଣ୍ଡାର୍ଡ୍ ତାର

୨୮୭. ସାହି ବତୀ ସରଞ୍ଜାମ (ଷ୍ଟ୍ରିଟ୍ ଲାଇଟ୍ ଫିଟିଙ୍ଗ୍ସ)

୨୮୮. ଶିକ୍ଷାର୍ଥୀ ଅନୁବୀକ୍ଷଣ ଯନ୍ତ୍ର

୨୮୯. ଷ୍ଟଡ୍ଗୁଡ଼ (ହାଇ ଟେନସାଇଲ୍ ବ୍ୟତୀତ)

୨୯୦. ସର୍ଜିକାଲ୍ ଗ୍ଲଭ୍ (ପ୍ଲାଷ୍ଟିକ୍ ବ୍ୟତୀତ)

୨୯୧. ଟେବୁଲ୍ ଛୁରୀ (କଣ୍ଟା ଚାମଚ ବ୍ୟତୀତ)

୨୯୨. ଧାତବ ଦଉଡ଼ି

୨୯୩. ଟ୍ୟାପ୍

୨୯୪. ଦରି ବା ପାଲ

୨୯୫. ଶାଗୁଆନ୍ କାଠ ପ୍ରସ୍ତୁତ ଗୋଲେଇ କାଠ ଗଣ୍ଡି

୨୯୬. ତମ୍ବୁ ଖୁଣ୍ଟ

୨୯୭. ବେସାମରିକ/ସାମରିକ ତମ୍ବୁ ସମୂହ ଏବଂ ତମ୍ବୁମାନଙ୍କ ପାଇଁ ସଳିତା ଖୋଟ

୨୯୮. ଏନ୍.ଇ.ସି. (ଅନ୍ୟ କେଉଁଠାରେ ଶ୍ରେଣୀଭୁକ୍ତ ନୁହେଁ) ବ୍ୟତୀତ ବୟନ ଉତ୍ପାଦ

୨୯୯. ଟାଇଲ୍

୩୦୦. ଡାକ ଟିକଟ ପାଇଁ ଟିଣ ବାକ୍ସ

୩୦୧. ଓ.ଟି.ଏସ୍. ପାତ୍ର ବ୍ୟତୀତ ୪ ଗ୍ୟାଲନ୍ ପର୍ଯ୍ୟନ୍ତ ଅମୁଦ୍ରିତ ଟିଣ ଡବା

୩୦୨. ଟନ୍ ମେସ୍

୩୦୩. ଟିପ୍ ବୁଟ୍

୩୦୪. ଟୋଗଲ୍ ସୁଇଚ୍

୩୦୫. ଟୟଲେଟ୍ ରୋଲ୍

୩୦୬. ଆଇ.ଏସ୍. ୧୨୯୧/୭୫ (୬୦୦ ଆମ୍ପିୟର ପର୍ଯ୍ୟନ୍ତ)କୁ ଅନୁସରଣ କରି ଟ୍ରାନସଫର୍ମର୍ ଟାଇପ୍ ୱେଲ୍ଡିଙ୍ଗ୍ ସେଟ୍

୩୦୭. ତିନି ବ୍ୟାଣ୍ଡ୍ ଥିବା ଟ୍ରାଞ୍ଜିଷ୍ଟର୍ ରେଡ଼ିଓ

୩୦୮. ଟ୍ରାଞ୍ଜିଷ୍ଟରାଇଜଡ଼ ଇନ୍ସୁଲେସନ୍ ଟେଷ୍ଟର୍

୩୦୯. ଟ୍ରେ

୩୧୦. ଡାକ କାମରେ ବ୍ୟବହାର କରିବା ନିମନ୍ତେ ଟ୍ରେ

୩୧୧. ଟ୍ରଲି

୩୧୨. ପିଇବା ପାଣି ଟ୍ରଲି

୩୧୩. ନଳାକାର ଖୁଣ୍ଟ

୩୧୪. ସାଇକେଲ୍ ଟାୟାର୍ ଓ ଟ୍ୟୁବ୍

୩୧୫. ଛତା

୩୧୬. ସମସ୍ତ ପ୍ରକାର ବାସନକୁସନ

୩୧୭. ଧାତବ ଭଲଭ୍

୩୧୮. ଜାପାନ କଳା ୱାର୍ନିସ୍

୩୧୯. ସି.ଭି.ଟି. ସମେତ ଭୋଲଟେଜ୍ ଷ୍ଟାବିଲାଇଜର୍

୩୨୦. ସମସ୍ତ ପ୍ରକାର ୱାସର୍

୩୨୧. ପାଣି ନିରୋଧୀ ଘୋଡ଼ଣି

୩୨୨. ପାଣି ନିରୋଧୀ କାଗଜ

୩୨୩. ୧୫୦୦୦ ଲିଟର୍ କ୍ଷମତା ବିଶିଷ୍ଟ ପାଣି ଟାଙ୍କି

୩୨୪. ମହମ ମୁଦ

୩୨୫. ମହମଲଗା କାଗଜ

୩୨୬. ଓଜନ ମାପ (weighing scale)

୩୨୭. ଝଳେଇ ହୋଇଥିବା ତାର ପିଣ୍ଡ

୩୨୮. ଚକଲଗା ଠେଲାଗାଡ଼ି

୩୨୯. ହୁଇସିଲ୍

୩୩୦. କପଡ଼ା ବଳିତା

୩୩୧. ଉଇଙ୍ଗ୍ ସିଲ୍ଡ୍ ୱାଇପର୍ (କେବଳ ଆର୍ମ୍ ଓ ବ୍ଲେଡ୍)

୩୩୨. ତାର ବ୍ରଶ୍ ଓ ଫାଇବର୍ ବ୍ରଶ୍

୩୩୩. ତାର ବାଡ଼ ଓ ସରଞ୍ଜାମ

୩୩୪. ତାର କଣ୍ଟା ଓ ଘୋଡ଼ା ନାଲ କଣ୍ଟା

୩୩୫. ୧୦୦ ଜାଲ ଆକାରଠାରୁ ମୋଟା ତାର ଜାଲି ଚଦର

୩୩୬. କାଠ ଉଲ୍

୩୩୭. କାଠ ତିଆରି ଅସ୍ତ୍ରଶସ୍ତ୍ର ପେଡ଼ି

୩୩୮. କାଠ ବୋର୍ଡ୍

୩୩୯. ଡାକ ଟିକଟ ପାଇଁ କାଠ ବାକ୍ସ

୩୪୦. ଏନ୍.ଇ.ସି. ଅର୍ଥାତ୍ ଅନ୍ୟ କେଉଁଠାରେ ଶ୍ରେଣୀଭୁକ୍ତ ହୋଇନଥିବା କାଠ ବାକ୍ସ ଓ ପେଡ଼ି

୩୪୧. କାଠ ଚଉକି

୩୪୨. କାଠର ଫ୍ଲସ୍ କବାଟ ସଟର୍

୩୪୩. ସବୁ ପ୍ରକାର ସାଇଜର କାଠ ପେକିଙ୍ଗ୍ ଖୋଳ

୩୪୪. କାଠ ପିନ୍

୩୪୫. କାଠ ପ୍ଲଗ୍

୩୪୬. କାଠ ଥାକ

୩୪୭. ପତଳା କାଠ ଆବରଣ

୩୪୮. ଉଲ୍ ତିଆରି ବସ୍ତ୍ର

୩୪୯. ଜିଙ୍କ୍ ସଲଫେଟ୍

୩୫୦. ଜିପ୍ ଖିଲ

**ହସ୍ତଶିଳ୍ପ ସାମଗ୍ରୀ**

| କ୍ର.ସଂ. | ସାମଗ୍ରୀର ପ୍ରକାର | ଯୋଗାଯୋଗ ସ୍ଥାନ |
|---|---|---|
| ୩୫୧. | ବେତ ଫର୍ଣ୍ଣିଚର୍ ହସ୍ତତନ୍ତ | ଉତ୍ତରପୂର୍ବ ହସ୍ତଶିଳ୍ପ ଓ ବିକାଶ ନିଗମ<br>ଆସାମ ସରକାର ବ୍ୟବସାୟିକ ନିଗମ<br>ମଣିପୁର ହସ୍ତଶିଳ୍ପ ସମିତି<br>ନାଗାଲାଣ୍ଡ ହସ୍ତଶିଳ୍ପ ଓ ହସ୍ତତନ୍ତ ନିଗମ |
| ୩୫୨. | ବାଉଁଶ ତିଆରି ଫାଇଲ୍ ଟ୍ରେ, ବାସ୍କେଟ୍, ପେଂସିଲ୍ ଷ୍ଟାଣ୍ଡ, ପାର୍ଶ୍ୱ ଥାକ ଇତ୍ୟାଦି | -do- |
| ୩୫୩. | କାଠ କଳାକୃତି ଆସବାବପତ୍ର | ରାଜସ୍ଥାନ କ୍ଷୁଦ୍ର ଉଦ୍ୟୋଗ କର୍ପୋରେସନ, ୟୁ.ପି. ରପ୍ତାନୀ କର୍ପୋରେସନ |
| ୩୫୪. | କାଠର ପେପର୍ ୱେଟ୍, ଥାକ ଇତ୍ୟାଦି | -do- |
| ୩୫୫. | ଝୋଟ ତିଆରି କାଚ ଘୋଡ଼ଣି | -do- |
| ୩୫୬. | ଝୋଟ ତିଆରି ଆସବାବପତ୍ର | ପଶ୍ଚିମବଙ୍ଗ ହସ୍ତଶିଳ୍ପ ଉନ୍ନୟନ କର୍ପୋରେସନ,<br>ଝୋଟ ଉତ୍ପାଦନ ଉନ୍ନୟନ କର୍ପୋରେସନ,<br>ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ଉନ୍ନୟନ କର୍ପୋରେସନ |
| ୩୫୭. | ଝୋଟ ବ୍ୟାଗ୍ ଫାଇଲ୍ କଭର୍ | -do- |
| ୩୫୮. | ଉଲ୍ ଓ ସିଲ୍କ ତିଆରି ଗାଲିଚା | ଉତ୍ତରପ୍ରଦେଶ ରପ୍ତାନି ନିଗମ, ଜାମ୍ମୁ-କାଶ୍ମୀର୍ ବିକ୍ରୟ ଓ ରପ୍ତାନୀ ନିଗମ |

# ଭାରତ ସରକାରଙ୍କ ଇସ୍ତାହାର

**ଅସାଧାରଣ**

**ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ**

**ଆଦେଶନାମା**

ନୂଆଦିଲ୍ଲୀ, ୦୯ ନଭମ୍ବର ୨୦୧୮

**ଏସ୍.ଓ. ୫୬୭୦ (ଇ)**–ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ଆଇନ ୨୦୦୬ (୨୦୦୬ର ୨୭)ର ବିଭାଗ ୧୧ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା କାର୍ଯ୍ୟକାରୀ କରି ଏତଦ୍ଦ୍ୱାରା କେନ୍ଦ୍ର ସରକାର ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ (ଏମ୍.ଏସ୍.ଇ.)ର ଆଦେଶ ୨୦୧୨ ନିମନ୍ତେ ଉଦ୍ଦିଷ୍ଟ ସର୍ବସାଧାରଣ କ୍ରୟ ନୀତିରେ ନିମ୍ନଲିଖିତ ସଂଶୋଧନ କରୁଛନ୍ତି ଯଥା –

୧. i) ଏହି ଆଦେଶକୁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ (ଏମ୍.ଏସ୍.ଇ.)ର ସଂଶୋଧିତ ଆଦେଶ ୨୦୧୮ ନିମନ୍ତେ ଉଦ୍ଦିଷ୍ଟ ସର୍ବସାଧାରଣ କ୍ରୟ ନୀତି ଭାବେ ନାମିତ କରାଯାଇପାରିବ ।

ii) ସରକାରୀ ଗେଜେଟରେ ଏହା ପ୍ରକାଶ ପାଇବା ତାରିଖରୁ କାର୍ଯ୍ୟକାରୀ ହେବ।

୨. ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ (ଏମ୍.ଏସ୍.ଇ.)ର ଆଦେଶ ୨୦୧୨ (ଏହା ପରଠାରୁ ଏହି ଦଲିଲରେ ଉକ୍ତ ଆଦେଶ ବୋଲି ଉଲ୍ଲେଖ କରାଯିବ) ପାଇଁ ଉଦ୍ଦିଷ୍ଟ ସମଗ୍ର ସାଧାରଣ କ୍ରୟ ନୀତିର ଯେଉଁସବୁ ସ୍ଥାନରେ ସଂଖ୍ୟା ଓ ଅକ୍ଷରରେ 'ଶତକଡ଼ା ୨୦ ଭାଗ' ବୋଲି ଉଲ୍ଲେଖ କରାଯାଇଛି ତାହା ପରିବର୍ତ୍ତେ ସେହିସବୁ ସ୍ଥାନମାନଙ୍କରେ'ଶତକଡ଼ା ୨୫ ଭାଗ' ବୋଲି ଉଲ୍ଲେଖ କରାଯିବ।

୩. ଉକ୍ତ ଆଦେଶର ଅନୁଚ୍ଛେଦ ୪ ପରେ ନିମ୍ନଲିଖିତ ଅନୁଚ୍ଛେଦ ସଂଯୁକ୍ତ କରାଯିବ ଯଥା –

୪କ, ମହିଳାମାନଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଠାରୁ ମୋଟ ବାର୍ଷିକ କ୍ରୟ ନିମନ୍ତେ ସ୍ଥିର କରାଯାଇଥିବା ଶତକଡ଼ା ୨୫ ଭାଗରୁ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକଠାରୁ କ୍ରୟ କରିବା ପାଇଁ ଶତକଡ଼ା ୩ ଭାଗ ସଂରକ୍ଷିତ କରି ରଖାଯିବ ।

[ନଥି ସଂଖ୍ୟା ୨୧ (୨୨) – ୨୦୧୮ ଏମ୍.ଏ.]
ରାମ ମୋହନ ମିଶ୍ର
ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର